# NATIONAL NEWS BULLETIN (ODIA)
## 13 December - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ମହାକୁମ୍ଭ-୨୦୨୫ ଏକତା ଓ ସମାନତାର ପ୍ରକୃତ ମୂଲ୍ୟବୋଧକୁ ପ୍ରତିଫଳନ କରିବା ସହିତ ସମଗ୍ର ଦେଶକୁ ପଥପ୍ରଦର୍ଶନ କରିବ, କହିଲେ ପ୍ରଧାନମନ୍ତ୍ରୀ ।
- ଦେଶର ସମ୍ବିଧାନକୁ ପ୍ରଗତିଶୀଳ, ସମାବେଶୀ ଓ ପରିବର୍ତ୍ତନଶୀଳ ଭାବେ ଅଭିହିତ କରିବା ସହ ଏହା ଜନସାଧାରଣଙ୍କ ଇଚ୍ଛାଶକ୍ତିର ପ୍ରତିଫଳନ ବୋଲି ଲୋକସଭାରେ ମତବ୍ୟକ୍ତ କଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ପି.ଏମ୍. ମାତୃବନ୍ଦନା ଯୋଜନାରେ ଗତ ୭ ବର୍ଷ ମଧ୍ୟରେ ୬୪ ଲକ୍ଷ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି ୧୮ ହଜାର ୮୫୪ କୋଟି ଟଙ୍କା ।

ଏବଂ

- ସୟଦ ମୁସ୍ତାକ ଅଲି ଟ୍ରଫିର ଫାଇନାଲ୍‌ରେ ପ୍ରଥମ ଦଳ ଭାବେ ପ୍ରବେଶ କଲା ମୁମ୍ବାଇ ।

## ପିଏମ୍-ପ୍ରୟାଗରାଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ମହାକୁମ୍ଭ ୨୦୨୫କୁ ଔପଚାରିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ମହାକୁମ୍ଭ ଆନୁଷ୍ଠାନିକ ଭାବେ ଆସନ୍ତା ଜାନୁଆରୀ ୧୩ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ସେଠାରେ ଆୟୋଜିତ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ମହାକୁମ୍ଭ ୨୦୨୫ ଏକତା ଓ ସମାନତାର ଏଭଳି ଏକ ମହାଯଜ୍ଞ ହେବ ଯାହାକି 'ଏକ୍ ଭାରତ ଶ୍ରେଷ୍ଠ ଭାରତ'ର ପ୍ରକୃତ ମୂଲ୍ୟବୋଧକୁ ପ୍ରତିଫଳନ କରିବା ସହିତ ସମଗ୍ର ଦେଶକୁ ପଥ ପ୍ରଦର୍ଶନ କରିବ । ମହାକୁମ୍ଭ ସମୟରେ ଏହି ପବିତ୍ର ପ୍ରୟାଗରାଜ ଠାରେ ଏକ ନୂତନ ଇତିହାସ ସୃଷ୍ଟି ହେବ । ଜାତି, ବର୍ଣ୍ଣ ଭିତ୍ତିକ ସମସ୍ତ ଅସମାନତାକୁ ପରିସମାପ୍ତ କରି ଏହା ସାମୂହିକ ଶକ୍ତିର ପ୍ରତୀକ ଭାବେ ଉଭା ହେବ । ଯାହାକି ଏକ ବିରଳ ଘଟଣା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପୂର୍ବ ସରକାରଙ୍କୁ ଆକ୍ଷେପ କରି ଶ୍ରୀ ମୋଦୀ କହିଛନ୍ତି, ୟୁ.ପି.ଏ. ସରକାରଙ୍କ ଶାସନ ଅମଳରେ ମହାକୁମ୍ଭକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଉ ନ ଥିଲା । କାରଣ ଏହା ଭାରତୀୟ ସଂସ୍କୃତି ଭିତ୍ତିକ ନ ଥିଲା । ମାତ୍ର ବର୍ତ୍ତମାନର ସରକାର ଦେଶର ସଂସ୍କୃତିକୁ  ଉଜ୍ଜିବିତ ରଖିବା ସହ ସହର ଗୁଡ଼ିକ ମଧ୍ୟରେ ସଂଯୋଗୀକରଣ ଏବଂ ମହାକୁମ୍ଭକୁ ସଫଳ ଭାବେ ଆୟୋଜନ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୫ ହଜାର ୫୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ରେଳ, ସଡ଼କ ଓ ଅନ୍ୟାନ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ପ୍ରୟାଗରାଜକୁ ସଂଯୋଗୀକରଣ ଏବଂ ସେଠାରେ ମୌଳିକଢାଞ୍ଚାକୁ ପ୍ରୋତ୍ସାହନ ଦେବା ଦିଗରେ କାର୍ଯ୍ୟ କରିବ ।

## ଏଲ୍‌ଏସ୍-କନ୍‌ଷ୍ଟିଚ୍ୟୁସନ୍ ଡିସ୍‌କସନ୍

ଭାରତୀୟ ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ଆଜିଠାରୁ ଲୋକସଭାରେ ଏକ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି । ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଜୀବନର ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ସାଂସ୍କୃତିକ ଦିଗ ଗୁଡ଼ିକୁ ସ୍ପର୍ଶ କରିବା ସହ ଦେଶ ନିର୍ମାଣ ଦିଗରେ ଭାରତର ସମ୍ବିଧାନ ପଥ

ପରିସ୍କାର କରିଛି । ସମ୍ବିଧାନ ଦେଶର ସଭ୍ୟତା ମୂଲ୍ୟବୋଧର ପ୍ରତିଫଳନ ବୋଲି ସେ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ୭୫ ବର୍ଷ ପୂର୍ବେ  ନୂତନ ଭାବେ ସ୍ୱାଧୀନତା ପାଇଥିବା ଭାରତର ସମ୍ବିଧାନ ପ୍ରସ୍ତୁତ କରିବା ଲାଗି ସାମ୍ବିଧାନିକ ପରିଷଦ ସମସ୍ତ ପ୍ରକ୍ରିୟା ଶେଷ କରିଥିଲେ । ତିନି ବର୍ଷର ବିସ୍ତୃତ ଆଲୋଚନା ତଥା ତର୍କବିତର୍କ ପରେ ଦେଶକୁ ଏହି ସମ୍ବିଧାନ ପ୍ରାପ୍ତ ହୋଇଛି । ଆମର ସମ୍ବିଦାନ ସାମ୍ବିଧାନିକ ପରିଷଦ ଦ୍ୱାରା ସୃଷ୍ଟ କେବଳ ଏକ ସରକାରୀ ଦସ୍ତାବିଜ୍ ନୁହେଁ ବରଂ ଏହା ଜନସାଧାରଣଙ୍କ ଇଚ୍ଛାଶକ୍ତିର ପ୍ରତିଫଳନ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ବିରୋଧୀ କଂଗ୍ରେସ ଦଳକୁ ଆକ୍ଷେପ କରି ଶ୍ରୀ ସିଂହ କହିଛନ୍ତି, ଗତ କିଛି ବର୍ଷ ଧରି ଦେଶର ସମ୍ବିଧାନକୁ ନେଇ ଆକ୍ଷେପ ପ୍ରତିଆକ୍ଷେପ ଜାରି ରହିଛି । ସମ୍ବିଧାନ କେବଳ କୌଣସି ଏକ ଗୋଟିଏ ଦଳର ଅବଦାନ ନୁହେଁ ବରଂ ଏହା  ଭାରତୀୟ ମୂଲ୍ୟବୋଧର ଏକ ପରିବର୍ତ୍ତନଶୀଳ ଦସ୍ତାବିଜ୍ ବୋଲି  ସେ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍ କା ପ୍ରୟାସ ଭାବନା ସହ ସଫଳତାର ସହ କାର୍ଯ୍ୟ କରୁଛନ୍ତି । ସରକାର ବର୍ତ୍ତମାନ ସମ୍ବିଧାନରେ ଲିଖିତ ଧର୍ମ ଅନୁଯାୟୀ ଜନସାଧାରଣଙ୍କ କଲ୍ୟାଣ ଲାଗି ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଶ୍ରୀ ସିଂହ କହିଛନ୍ତି, ଭାରତୀୟ ସମ୍ବିଧାନ ହେଉଛି, ପ୍ରଗତିଶୀଳ, ସମାବେଶୀ ଓ ପରିବର୍ତ୍ତନଶୀଳ । ଭାରତ ଏଭଳି ଏକ ଦେଶ ଯେଉଁଠାରେ ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିବା ବ୍ୟକ୍ତି ମଧ

ଦେଶର ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିପାରେ । ସେ କହିଛନ୍ତି, ସମ୍ବିଧାନ ପ୍ରସ୍ତୁତ କରିବା ପ୍ରକ୍ରିୟାରେ ସାମିଲ ଥିବା ଅନେକ ନେତୃବୃନ୍ଦଙ୍କର ଅବଦାନକୁ ଜାଣିଶୁଣି ଅଣଦେଖା କରାଯାଇଛି । ମଦନମୋହନ ମାଲବ୍ୟ, ଲାଲା ଲଜ୍‌ପଥ ରାୟ, ଭଗତ ସିଂହ, ବୀର୍ ସବରକରଙ୍କ ଭଳି ନେତୃବୃନ୍ଦଙ୍କର ଭାବନା ଦେଶର ସମ୍ବିଧାନକୁ ଅଧିକ ସଶକ୍ତ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧି ଭଦ୍ରା କହିଛନ୍ତି, ନାଗରିକଙ୍କୁ ସର୍ବଦା ସୁରକ୍ଷା ଓ ମୌଳିକ ଅଧିକାର ଯୋଗାଇଦେବା ଦିଗରେ ସମ୍ବିଧାନର ଏକ ଉଲ୍ଲେଖନୀୟ ଭୂମିକା ରହିଛି । ସେହିଭଳି ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ସମ୍ବିଧାନକୁ ଗଣତନ୍ତ୍ରର ଆତ୍ମା ଭାବେ ବର୍ଣ୍ଣନା କରିଛନ୍ତି ।

ଆଜିକାର ଆଲୋଚନାରେ ତୃଣମୂଳ କଂଗ୍ରେସ, ଡି.ଏମ୍.କେ., ଜନତାଦଳ ସଂଯୁକ୍ତ, ଟି.ଡି.ପି. ଆଦି ଦଳର ନେତୃବୃନ୍ଦ ଅଂଶଗ୍ରହଣ କରି ଭାରତୀୟ ସମ୍ବିଧାନର ଏହି ଗୌରବମୟ ଯାତ୍ରା ଉପରେ ନିଜନିଜର ସୁଚିନ୍ତିତ ମତ ବ୍ୟକ୍ତ କରିଛନ୍ତି ।

## ୟୁଏଇ ଜେସିଏମ୍ ମିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସଂଯୁକ୍ତ ଆରବ ଏମିରେଟ୍ସ ସହିତ ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଆରମ୍ଭ ହୋଇଥିବା ପଞ୍ଚଦଶତମ ଭାରତ-ୟୁଏଇ ଯୁଗ୍ମ ଆୟୋଗ ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଦୁଇ ଦେଶ ନିଜ ନିଜ ଅଞ୍ଚଳରେ ସ୍ଥିରତା, ନିରାପତ୍ତା ଓ ସମୃଦ୍ଧି ବଜାୟ ରଖିବା ଦିଗରେ ଏହି ବୈଠକରେ ସହମତ ହୋଇଛନ୍ତି । ଏହି ବୈଠକରେ ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦ୍ ବିନ୍ ସୁଲତାନ୍ ଅଲ୍ ନାହାୟାଁ ମଧ୍ୟ ଯୋଗଦେଇଥିଲେ ।

## ଏଲ୍‌ଏସ୍-ମାତୃ ବନ୍ଦନା

ପି.ଏମ୍. ମାତୃବନ୍ଦନା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ହଜାର ୮୫୪ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ଦ୍ୱାରା ତିନି କୋଟି ୬୪ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି । ଏହି ଯୋଜନାରେ ଅନ୍‌ଲାଇନ୍ ପଞ୍ଜିକରଣ କରିବା

ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଏହି ଯୋଜନା ଅଧୀନରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ପ୍ରକ୍ରିୟା ଦ୍ୱାରା ହିତାଧିକାରୀମାନଙ୍କୁ ଆର୍ଥିକ ସୁବିଧା ଯୋଗାଇ ଦିଆଯିବା ସହିତ ଗର୍ଭବତୀ ମହିଳାମାନଙ୍କୁ ୬ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଉଛି । ଏତଦ୍ ବ୍ୟତୀତ ଦ୍ୱିତୀୟ ଶିଶୁ କନ୍ୟା ଜନ୍ମ ହେବା ପରେ ସମ୍ପୃକ୍ତ ମହିଳାଙ୍କୁ ମଧ୍ୟ ୬ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଉଛି ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ପଙ୍କଜ-ଟ୍ରାନ୍ସପୋଟ୍

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ଗମନା ଗମନ ଭିତ୍ତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ ହୋଇଛି । ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଆଜି ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଏହି କ୍ଷେତ୍ରର ସାମଗ୍ରୀକ ବିକାଶ ଲାଗି ବହୁବିଧ ପଦକ୍ଷେପ ନେବା ଦ୍ୱାରା ଜାତୀୟ ରାଜପଥ ନେଟ୍‌ୱାର୍କ ୧ ଦଶମିକ୍ ୬ ଗୁଣା ବୃଦ୍ଧି ପାଇଛି । ୨୦୧୪ ମସିହାରେ ଦେଶରେ ପ୍ରାୟ ୯୧ ହଜାର ୨୮୭ କିଲୋମିଟର ଜାତୀୟ ରାଜପଥ ଥିବା ବେଳେ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଏହା ୧ ଲକ୍ଷ ୪୬ ହଜାର ୧୯୫ କିଲୋମିଟରକୁ

ବୃଦ୍ଧି ପାଇଛି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି । ସେ କହିଛନ୍ତି, ଭାରତମାଳା ପ୍ରକଳ୍ପ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୩୪ ହଜାର ୮୦୦ କିଲୋମିଟର ଜାତୀୟ ରାଜପଥ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେଥିମଧ୍ୟରୁ ପ୍ରାୟ ୧୮ ହଜାର ୭୧୪ କିଲୋମିଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶରେ କାର୍ଯ୍ୟକ୍ଷମ ବିମାନ ବନ୍ଦରର ସଂଖ୍ୟା ମଧ୍ୟ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି । ୨୦୧୪ ମସିହାରେ ଏହାର ସଂଖ୍ୟା ୭୪ ଥିବା ବେଳେ ବର୍ତ୍ତମାନ ୧୫୮ଟି ବିମାନ ବନ୍ଦର ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ କରୁଛି । ସେହିଭଳି ରେଳପଥ ଉପରେ ଆଲୋକପାତ କରି ଶ୍ରୀ ଚୌଧୁରୀ କହିଛନ୍ତି, ଦେଶର ପ୍ରାୟ ୯୭ ପ୍ରତିଶତ ରେଳପଥ ବିଦ୍ୟୁତ୍‌କରଣ କରାଯାଇ ସାରିଛି । ଅମୃତ ଭାରତ ଅଭିଯାନ ଅଧୀନରେ ଦେଶବ୍ୟାପି ୧ ହଜାର ୩୩୭ଟି ରେଳ ଷ୍ଟେସନ୍‌କୁ ବିଶ୍ୱସ୍ତରୀୟ ଷ୍ଟେସନ୍ ଭାବେ ବିକଶିତ କରାଯାଉଛି । ସେହିଭଳି ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଏହି ୧୦ ବର୍ଷ ମଧ୍ୟରେ ୬୮ଟି ବନ୍ଦେ ଭାରତ ଏକ୍ସପ୍ରେସ୍, ଦୁଇଟି ଅମୃତ ଭାରତ ଟ୍ରେନ୍, ଗୋଟିଏ ନମୋ ଭାରତ ର୍ୟାପିଡ୍ ଟ୍ରେନ୍ ଆଦି ଚଳାଚଳ କରାଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି ।

# ଶ୍ରୀଲଙ୍କା-ରାଷ୍ଟ୍ରପତି

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାଏକେ ଆସନ୍ତା ୧୫ ତାରିଖରୁ ୩ ଦିନିଆ ଭାରତ ଗସ୍ତରେ ଆସିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରନ୍ଧିର୍ ଜୟସ୍ୱାଲ ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଶ୍ରୀଲଙ୍କା ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଦିଶାନାଏକେଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ତାଙ୍କର ଏହି ଗସ୍ତ କାଳରେ ଶ୍ରୀ ଦିଶାନାଏକେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ସହ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଦ୍ୱିପକ୍ଷିୟ, ଆଞ୍ଚଳିକ ତଥା ଆନ୍ତର୍ଜାତିକ ସମସ୍ୟା ଉପରେ କଥାବାର୍ତ୍ତା କରିବେ ।

ଏହାଛଡ଼ା ଶ୍ରୀଲଙ୍କା ରାଷ୍ଟ୍ରପତି ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ ବ୍ୟବସାୟିକ ସମାରୋହରେ ଅଂଶଗ୍ରହଣ କରିବା ସହ ବୋଧଗୟା ପରିଦର୍ଶନ କରିବେ । ଶ୍ରୀ ଦିଶାନାଏକଙ୍କର ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ସଶକ୍ତ ହୋଇପାରିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

# ଇଣ୍ଡିଆ-ଫିଲିପାଇନ୍ସ

ଭାରତ-ଫିଲିପାଇନ୍ସ ସାମୁଦ୍ରିକ କଥାବାର୍ତ୍ତା ଆଜି ମାନିଲା ଠାରେ ଆରମ୍ଭ ହୋଇଛି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ସହ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରାଯାଇଛି । ପରବର୍ତ୍ତି ବୈଠକ ଆସନ୍ତା ବର୍ଷ ନୂଆଦିଲ୍ଲୀରେ ହେବ ବୋଲି ଉଭୟ ପକ୍ଷ ସହମତ ହୋଇଛନ୍ତି ।

# କ୍ରିକେଟ୍

ମୁମ୍ବାଇ ସୟଦ ମୁସ୍ତାକ ଅଲି ଟ୍ରଫିର ଫାଇନାଲ୍‌ରେ ପ୍ରବେଶ କରିଛି । ଆଜି ବେଙ୍ଗାଲୁରୁର ଏମ୍. ଚିନ୍ନା ସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ମୁମ୍ବାଇ ବରୋଦାକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ମୁମ୍ବାଇ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବରୋଦା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୮ରନ୍ କରିଥିଲା । ଏହାର ଜବାବରେ ମୁମ୍ବାଇ ୧୭ ଓଭର ୨ଟି ବଲ୍‌ରେ ୪ ୱିକେଟ୍ ହରାଇ ୧୬୪ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆଜିଙ୍କ୍ୟ ରାହାଣେ ମାତ୍ର ୫୬ ବଲ୍‌ରୁ ସର୍ବାଧିକ ୯୮ ରନ୍ ସଂଗ୍ରହ କରିଛନ୍ତି ।